ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HT&H(OD)/993/06-01-2021

# ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର, ତା.୦୬/୦୧/୨୦୨୧

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଜାନୁଆରୀ ୪ ତାରିଖ ଦିନ 'ସିଡାକ୍'ଠାରେ ବିଭାଗୀୟ କାର୍ଯ୍ୟକଳାପ ସଂପର୍କରେ ସମୀକ୍ଷା କରିଥିଲେ ।

କୋଭିଡ୍-୧୯ ପରିପ୍ରେକ୍ଷୀରେ ବୁଣାକାର ଓ ଶିଳ୍ପୀମାନଙ୍କର ଉନ୍ନତିକଳ୍ପେ ବିଭାଗ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ନିଆଯାଇଥିବାରୁ ମନ୍ତ୍ରୀ ଶ୍ରୀମତୀ ଦିଆନ୍ ସନ୍ତୋଷ ପ୍ରକାଶ କରିଥିଲେ । ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ବୁଣାକାର ଓ ଶିଳ୍ପୀମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

କୋଭିଡ୍-୧୯ ସମୟରେ ବୁଣାକାର ଓ ଶିଳ୍ପୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ସେମାନଙ୍କର ଉତ୍ପାଦଗୁଡ଼ିକର ବିକ୍ରି ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଜାନୁଆରୀ ମାସରେ ପଞ୍ଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀମତୀ ଦିଆନ ପ୍ରକାଶ କରିଥିଲେ । ଏହି ଜାତୀୟ ସ୍ତରୀୟ ମେଳାରେ ସରକାରଙ୍କ ଦ୍ୱାରା ପ୍ରଣୀତ ସମସ୍ତ କୋଭିଡ୍ ନିୟମାବଳୀର ଅନୁପାଳନ କରାଯିବ ।

ଏହି ସମୀକ୍ଷା ବୈଠକରେ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବିଭାଗୀୟ ଅତିରିକ୍ତ ସଚିବ ତଥା 'ସିଡାକ୍'ର ମେମ୍ବର ସେକ୍ରେଟେରୀ ଶ୍ରୀ କୈଳାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଡକ୍ଟର ଜ୍ୟୋତିର୍ମୟି ସାମନ୍ତରାୟ
ସୂଚନା ଅଧିକାରୀ